ଶ୍ରୀହରି ଜଣାଣ ।

ଶ୍ରୀ କୃଷ୍ଣ ଗିରଙ୍କଦ୍ୱାରା

ରଚିତ ହୋଇ

ଅଧୁନା

ସଂଶୋଧନ କରାଯାଇଁ

ଶ୍ରୀ ମଧୁସୂଦନ ଦତ୍ତଙ୍କଦ୍ୱାରା

ପ୍ରଥମବାର ପ୍ରକାଶିତ ହେଲା ।

CUTTACK,
Printed by the C..ttack Printing Company.
1893.

ମୂଲ୍ୟ ଟ୦ ୧ ୯ ଚନପଇସା ।

Digitized by PPRACHIN, SOA

ଶ୍ରୀହରିଜଣାଣ ଚଉତିଶା ।

ରାଗ କାମୋଦୀ ।

କହଇ କର୍ମହୀନ କର ଶ୍ରୀ ଅବଧାନ ହେ ପ୍ରଭୁ ଶ୍ରୁତପଥ ଦେଉର । କଷ୍ଟତ ଗୁରୁତର ହନୁହନୁ ଦୁସ୍ତର ହେଉଛି ସହିନୋହେ ଭାର । ହେ ମହାପ୍ରଭୁ । କଲେ ଏଠାରେ ତୁମ୍ଭେ ହେଳା । କରୁଣାସିନ୍ଧୁ ତକାତୋଳା । କେ ରକ୍ଷା କରିପାରେ ଚଉଦଭୁବନରେ ଦୁଃଖ-ସିନ୍ଧୁ ତାରଣ ଭେଳା ହେ । ୧ । ଖଳଦୁର୍ଗତି ନାଶ ନ କଲେ ପୀତ-ବାସ କେମନ୍ତେ ଦୀନାର୍ତ୍ତ ବଞ୍ଚିବେ । ଖଗପତିବାହାର ହେ କଳ-ବେଣୁଧାର ବସ୍ତୁର ହୃଦପଦ୍ମେ ଏବେ ହେ । ମହାପ୍ରଭୁ । ଖଳନା-ଶନ ବାନା ଯେଣୁ । ଖଣ୍ଡ ଏ ଦୁର୍ଗତି ମୋ ତେଣୁ । ଖିଣପତି ଭରସା କର ଦରିଦ୍ରଦଶା ନ ଗଲା କେବଳତାରଣ ହେ ।୨। ଗଲା ଆୟୁଷ ଅସି ଦୁଃଖସାଗରେ ମିଶି ଅଜନ୍ମକାଳରୁ ମୋହର । ଗରୁ-ଡ଼ାସନ ଧାଇଁ ଏ କଷ୍ଟ ଯାଉ ନାହିଁ କାହାକୁ ହେବ ଅସୁନ୍ଦର ହେ । ମହାପ୍ରଭୁ । ଗୋପୀଗୋପାଳେ କ ନ କଲ । ଗତପ୍ରାଣରୁ ଉଦ୍ଧରିଲ । ଗର୍ବଗଞ୍ଜି ବରିଷ୍ଠ ବହ୍ଲାବାଳକ ସଖି କୃପାରେ ଶରଣ ରଖିଲ ହେ । ୩ । ଘରେ ପୂର୍ଣ୍ଣିତଖଳୀ କବବସ୍ତୁସୀ ବାଳୀ ଅଷ୍ଟପ୍ରହରେ ଅଭରଣ । ଘଡ଼ିଏ ତାଙ୍କୁ ମନୁ ନ ଛାଡ଼ି କପାଁ ବନ୍ଧୁ ଅସତ ବଳନ୍-ତେଜଣ ହେ । ମହାପ୍ରଭୁ । ଘୋରସନ୍ତାପ ନ ଜାଣନ୍ତୁ । ଘର ବାହାରେ ଦେଖୁଥାନ୍ତୁ । ଯେନ ତାହାଙ୍କୁ ସଙ୍ଗେ କହର ନାନାରଙ୍ଗ ଏକଥା ତ୍ରୈଲୋକ୍ୟ ଜାଣନ୍ତୁ । ୪ । ଉଚ୍ଚାର ତୁମ୍ଭନାମ ଅଖିଳ-ମଧ୍ୟେ କ୍ଷମ ନୋହିଲା କରେ କଷ୍ଟ ଦେଇ । ଉଚ୍ଚ ନୀଚ ଲୋକଙ୍କୁ

Digitized by PPRACHIN, SOA

କହିଲେ ଯେତେ ଛାଡ଼ୁ ତେବେ ମୋ ହଳ ସରୁ ନାହିଁ । ହେ ମହା-
ପ୍ରଭୁ । ଊର୍ଦ୍ଧ୍ୱ ଲଲାଟେ ଯାହା ଲେଖା । ଊର୍ଦ୍ଧ୍ୱର ପୋଛି ଗିରଟେକା ।
ଉଦେକର ମହିମା ହେ ବ୍ରଜତ୍ରିଭଙ୍ଗିମା ମୋହୁଡୁ ଛାଡ଼ୁ ସବୁ ହକା ।
ହେ ମହାପ୍ରଭୁ । ୫ । ଚତୁରାନନ ଶିବ ସୁରଅହି ବାସବ ରବିବରୁଣ
ନଇରୁତ । ଚତ୍ତେ ତୁମ୍ଭଙ୍କୁ ଭାବି କେମନ୍ତେ ପଦ ଲଭ ଅଛନ୍ତି ଯେନ
ହକ୍ୟଚତ୍ ହେ । ମହାପ୍ରଭୁ । ଚଖିଲା ତୁମ୍ଭ ପଦଗୃର । ଚନ୍ତା ମୋ
କ୍ଷପାଁ ନୋହେ ଦୂର । ଚତ୍ତେ କର ବଗୃର ଏମହାପୁଷ୍ଟପର କେ
ଅଛୁ ଅରକ୍ଷସୋଦର ହେ । ମହାପ୍ରଭୁ । ୬ । ଛଡ଼ି ସକଳ ଆଶା
ଯେବେ କଲି ଭରସା ତୁମ୍ଭ ଶ୍ରୀ ଅଭୟପଦ୍ମରେ । ଛାରକର୍ମ ଅବଳ
ଯେବେ କଲା କବଳ ଚକ୍ର କି ନାହିଁ ତୁମ୍ଭକରେ ହେ । ମହାପ୍ରଭୁ ।
ଛାରଏ ଦୁଃଖ ମୋର କେତେ । ଛେଦ ଘାରଥାଙ୍ଗର ଧାରେ । ଖିତ
ଆହ ପାଳନ ନୋହିଲେ ଅବଧାନ ଭାସିଲି ଏଣୁ ଭବସ୍ରୋତେ ହେ ।
ମହାପ୍ରଭୁ । ୭ । ଜୀଇଁ ମରବାସମଠାରୁ ବଳନ୍ତି କର୍ମ ଚେବେତ
ବିଗୃର ନ କଲ । ଜଗନ୍ନାଥ ହୋଇ ନ ଶୁଣ କାହିଁପାଇଁ କର୍ଣ୍ଣେକି
କୋପୃର ମୁଦିଲ ହେ । ମହାପ୍ରଭୁ । ଜଗତମଧ୍ୟେ ତୁମ୍ଭବିନା । ଜାଣ
କେ ଅଛି ବଜ୍ରସେହା । ଜୀବକୁ ରକ୍ଷାକର ଭବାର୍ଣ୍ଣବରୁ ତାର ଶେଷ-
ରେ ପୂରବ କାମନା ହେ । ମହାପ୍ରଭୁ । ୮ । ଝୁରୁଝୁରୁ ଜୀବନ ହନଲୁହନ
କ୍ଷୀଣ ଛିଦ୍ରପଟ୍ଟ-ସଲିଳପ୍ରାୟେ । ଝଗଡ଼ା କର କେତେ କହିବ ପାହା-
ଡ଼ିତେ ବେଗେ ଉଦ୍ଧର ଦେବରାୟେ ହେ । ମହାପ୍ରଭୁ । ଝଟେଇ ଶୁଣ
ମୋ ଗୁହାରି । ଝୁର କୁରରୀପ୍ରାୟେ ସର । ଝଳ କହଳେ ପଡ଼ି
ଦୁଃଖସନ୍ତାପେ ସଡ଼ି ଯାଉଛି ନିକୁଞ୍ଜବିହାରି ହେ । ମହାପ୍ରଭୁ । ୯ ।
ଜବ ପଞ୍ଚଭୁବନ ମଧ୍ୟରେ କେବା ଜନ ଅଛନ୍ତି ତୁମ୍ଭଙ୍କୁ ନ ଭଜି ।
ନ କର କେ ଭକତି ଭୋଗେ ମାତ୍ର ବଢ଼ାଇ ଧରନ୍ତି ଯେନ ଚତ୍ତେ

Digitized by PPRACHIN, SOA

ହେଉ ହେ । ମହାପ୍ରଭୁ । ନିସ୍ତାର କଲେ ମୋତେ ବାରେ । ନାଥ
ହୋଇଲୁ ପ୍ରତ୍ୟକ୍ଷରେ । ନଗରପୁରେ ଯେବେ ନରନାରୀ ଜାଣିବେ
ତେବେ ଏନନ୍ଦା କାହାଠାରେ ।୧୦। ଟେକଧର ମନର ରଖିଲ ଗୋପ-
ପୁର ବସ୍ତ୍ରବାଳକ ଆଦକର । ଟାଣ ଭାଜନ୍ତ ବଜ୍ରପାଣି ହୋଇ ଅଧୈର୍ଯ୍ୟ
ହାର ସେ ଗନ୍ଧ ନାଜପୁତ୍ର ହେ । ମହାପ୍ରଭୁ । ଟାଣପଣେ କେ ତୁମ୍ଭ ସରି ।
ଟେକ ମାଇଲ ବସ୍ତ୍ର ଧର । ଟେଳ ନ ଯାଉ ଜୀବ ହେଉଁ କରୁଣାନାବ
ଉଦ୍ଧର ବୁଡେଁ ଭବବାର ହେ । ମହାପ୍ରଭୁ । ୧୧ । ଠିକେ କହୁବ
କେତେ ବୁଦ୍ଧି ନ ଦଶେ ମୋତେ ହେପ୍ରଭୁ ଦୀନ ଦୁଃଖେ ପଡ଼ି ।
ଠୁକବ ଯେବେ କର୍ମ କାହିଁକି ତୁମ୍ଭ କ୍ଷେମ ରହିଲା କଳ୍ପଦ୍ରୁମ ବଡ଼ି
ହେ । ମହାପ୍ରଭୁ । ଠାବ ନ କର କଷ୍ଟଦୋଷ । ଠାଠିକେ ନ କର
ନିସ୍ତାର । ଠକପଣନ୍ତୁ ତେଜ ଦେବାଧିଦେବସ୍ତଜ ଏବେ କୃଷ୍ଣକୁ
ରଖି ପାଶ ହେ । ମହାପ୍ରଭୁ । ୧୨ । ଡାକୁଛି ମହାବାହୁ ହେଲା ନ
କର ଅଉ ହେ ବ୍ରଜବନ୍ଧୁ ଗୋପୀନାଥ । ଡରିଲ କ ମୋହର ଦେଖି
ସଙ୍କଟ ଘୋର ତେଣୁ ନ ଶୁଣ କର୍ଣ୍ଣପଥ ହେ । ମହାପ୍ରଭୁ । ଡାକ-
ଲମାତ୍ରକେ ହରଣ । ଡକାଇଁ ନାଶ କଲ ଜାଣି । ଡମ୍ବରୁ-
ଧରବପୁ ବନାଶିଣ ସନ୍ତାପୁ ଉଦ୍ଧରନେଲ ଶୂଳପାଣି ହେ । ୧୩ ।
ଢକାବାକେ ଜଗତେ ମହିମା ନାହିଁ କେତେ ତନିଭୁବନମଧ୍ୟେ
ସାର । ତମପଣେ ଅଇବ ନାଶ ସଗୋତ୍ର ଧର ଲଭିଲ ଅଭୟପ-
ଞ୍ଜର ହେ । ମହାପ୍ରଭୁ । ତାଲେ ନ ଶୁଣ କାହିଁପାଇଁ । ତଳଯାଉଛି
ମୋର ଦେହ । ତଳହଳ ନଳଣୀଦଳେ ଯେସନେ ପାଣି ହୁଅଇ
ଅସ୍ତୁ କେବେ ନାହିଁ ହେ । ମହାପ୍ରଭୁ । ୧୪ । ଅହେ ରମାରମଣ
ଯେବେ ହେବ ଦାରୁଣ ଅଣ୍ଡିତ ଦୀନଜନଠାରେ । ଅଉ କାହାର
କେହ ଭକ୍ତବେ ତୁମ୍ଭ ଧାଇ ରହିଣ ଦୀନସନ୍ତାପରେ । ହେ ମହାପ୍ରଭୁ !

Digitized by PPRACHIN, SOA

ଅରକ୍ଷରକ୍ଷ ତୁମ୍ଭବାନା । ଆରତଜନ-ବଜ୍ରସେହ୍ଳା । ଅତ ଅର୍ଚ୍ଛେ
ଗଜ ଡାକିବା ମାତ୍ରେ ବୁଝି ବିଲମ୍ବ ନାହିଁ ଦଣ୍ଡେ ସିନା । ହେ ମହାପ୍ରଭୁ ।
।୧୫। ତ୍ରୈଲୋକ୍ୟନାଥ ବୋଲି ତେଣୁଁ ଶରଣ ଗଲି ଜୀବନ୍ତେ ସୁଖେ
ଦିନ ନେବି । ତଳେ ଚିନ୍ତା ନ ରହି ପାଦପଙ୍କଜ ଧ୍ୟାୟି ଅନ୍ତକୁ ଯହିଁ ତହିଁ
ନେବ । ହେ ମହାପ୍ରଭୁ । ତୁମ୍ଭବିନା ଟି ଅନ୍ୟ ମୋର । ତଳେ ଭରସା ନା-
ହିଁ ଆର । ତରୁଣାଙ୍ଗୀ ମାନସ ପୂରିଲ ସଦ୍ଭାବରସ ବଧୀତ ଦିଶୁ ଭୁବନରେ ।
ହେ । ମହାପ୍ରଭୁ । ୧୬ । ଏକା ହୋଇଲି ମନ ନ ପୂରଇ ବଚନ
ଅତି ଚିନ୍ତାର୍ଥୀ ଚିନ୍ତାନଳେ । ଥିଲି କରି ଭରସା ତେଜି ସକଳ ଆଶା
ରହିଣ ଏମହାମଣ୍ଡଳେ । ହେ ମହାପ୍ରଭୁ । ଏବେ ଗଲି ତୁମ୍ଭଙ୍କୁ କହି ।
ଅତେବ ଦୟା ଦେଖି ନାହିଁ । ଥିରେ କାହାଗେ ଏହା କହିବ ଚରିବାହି
ହେ ଅଛୁ ତୁମ୍ଭ ପରି ହୋଇ । ହେ ମହାପ୍ରଭୁ । ୧୭ ।
ଦୟାସାଗର ସେବ ଯେ କଷ୍ଟପରାଭବୀ ହେଉଛି ତା ତୁମ୍ଭଙ୍କୁ ଜଣା ।
ଦୀନସନ୍ତାପେ କେହି ମୋପରି ରହି ନାହିଁ ବାଜୁଛି ଉଣ୍ତ୍ରିମ ବାଜଣା
ହେ । ମହାପ୍ରଭୁ । ଦୁର୍ଗତି-ତେଜ ବଳଆର । ଦେଖି କେ ନୋହିବ
କାତର । ଦଣ୍ଡପାଣିଦଣ୍ଡରୁ ଉଦ୍ଧାର ମହାମେରୁ ସଦୟେ କରି କୃପା-
ବାର ହେ । ମହାପ୍ରଭୁ । ୧୮ । ଧ୍ରୁବ ଶୁକ ସନକ ଅଗସ୍ତି ବାଲ୍ମୀକ
ଅଙ୍ଗୀର ନାରଦ ଦୁର୍ବାସ । ଧରି ତୁମ୍ଭ ନାମକୁ କେ କ୍ଷେମ ହେବ ତାଙ୍କୁ
ନ ଥିବେ ମଣ୍ଡଳ ଅଶେଷ ହେ । ମହାପ୍ରଭୁ । ଧରି ଯା ନାମ ଏତେସବୁ ।
ଅନାଥ ନ ଗଲା ମୋହର । ଏବ ହେଉ ଏ ଜୀବ ଯେବେ ନ କଲ
ଭାବ ଶ୍ରୀ ବୃନ୍ଦାବନବଂଶୀଧାରୀ ହେ । ମହାପ୍ରଭୁ ।୧୯। ଦୟାପକ୍ଷ
ନିଷ୍ଠୁର ହୋଇ ହୃଦ ଉଦୁର ଯଦ୍ୟପି ଆପଣ ବହିବ । ନରକ-
ନିସ୍ତାରଣ ଭୟାଦ ନିବାରଣ କରି କେ ଦୁଃଖିଙ୍କି ରଖିବ ହେ ।
ମହାପ୍ରଭୁ । ନୀଳାଚଳରେ ତୁମ୍ଭେ ଥାଉଁ । ନିରାଶ ହେଲି ଗୃହୁଁ ଗୃହୁଁ ।

Digitized by PPRACHIN, SOA

ନଟନାଗର ହରି ଶ୍ରୀକଳବେଣୁଧାରି ମହିମା ଚନ୍ଦ୍ର ଉଦେଦେଉ ହେ ।
ମହାପ୍ରଭୁ । ୨୦ । ପଦ୍ମପଦ ନ ଦେଖି ପରମାନନ୍ଦ ସୁଖୀ ଭକ୍ତଲେ
ହୁଅନ୍ତି ତ୍ରିଲୋକ । ପୂର୍ଣ୍ଣଚନ୍ଦ୍ରମା ରାହୁ ବିପଦ ଚକ୍ରବାକୁ ଦର୍ଶନେ
ନାହିଁ ଦୁଃଖ ଶୋକ ହେ । ମହାପ୍ରଭୁ । ପୀତବସ୍ତ୍ରକବାନା ଯେଣୁ ।
ପ୍ରତେ ଅଛଇ ମନେ ତେଣୁ । ପଦ୍ମସୁତ ଅଦେଶ ପାଇଣ ଚତୁର୍ଦ୍ଦଶ
ରଚିଲେ ମହିମା କେ ଗଣୁ ହେ । ମହାପ୍ରଭୁ । ୨୧ । ଫନ୍ଦା କରିଛୁ
ପାଦ ନ ପଡ଼ିବ ବିପଦ ତ୍ରାହି ଶରଣ ବାନା ବୋଲି । ଫଳବ ନାହିଁ
ଯଦି କର୍ମକୁ ଆଦରିବ ତେବେତ କେମନ୍ତ ନୋହିଲି ହେ । ମହାପ୍ରଭୁ ।
ଫିଙ୍ଗି କି ଦେଉଅଛ ମୋତେ । ଫୁଲେନ୍ଦୀବରନେତ୍ର ସତେ । ଫଣି-
ଶେଯେ ବିରାଜ ଦେବାଧିଦେବରାଜ ବିଶ୍ୱରକ୍ଷକ ଦିବ୍ୟଚରିତେ
ହେ । ମହାପ୍ରଭୁ । ୨୨ । ବିନାଶ କଲେ ମୋତେ ଲଭ୍ୟ ହୋଇବ
କେତେ ଅଗ୍ରେ ମୋ ଜଣାଥାଉ ଯିନା । ବଳଧ୍ୱଂସନାସୂକ ହେ
ବ୍ରଜସୁରସିଲ ତଟେ ବାନ୍ଧିଲ କେତେ ବାନା ହେ । ମହାପ୍ରଭୁ ।
ବଂଶପାଣିକ କରି ନାଶ । ବାଜିଲା ଶେଷେ କେତେ ଯଶ । ବିନାଶ-
ହେବା-ଲୋକ-ରକ୍ଷକ ହେଲେ ଟେଡ ରହଇ ମହିମା ବିଶେଷ ହେ ।
ମହାପ୍ରଭୁ । ୨୩ । ଭାବୁ ଭାବୁ ମୋ ତନୁ କ୍ଷୀଣ ହୋଇଲା ଦିନୁ ଦିନକୁ
ଅତି ବଳଆର । ଭଜିବ କାହାପେଣ୍ଡ ଅସ୍ଥି ନୋହେ ମୂର୍ଚ୍ଛିମା ବୁଦ୍ଧି
ନ ଦିଶେ ଗୁରୁତର ହେ । ମହାପ୍ରଭୁ । ଭବାର୍ଣ୍ଣବରେ ମୋତେ ଜାତ ।
ଭଲା କଲ ହେ ଗୋପୀନାଥ । ଭଜଇ କୃଷ୍ଣ ଗିର ହେବାକୁ ସୁଖେ
ପାଉ କେବଳ ଏ ଚନ୍ତା ଦୁର୍ବିତ ହେ । ମହାପ୍ରଭୁ ।୨୪। ମେଘେ ବିଜୁଳୀ
ଛନ୍ନ ପ୍ରାୟେ ହୋଇଲା ମନ ଏ ମୋହମାୟାବନ୍ଧେ ପଡ଼ି । ମହାପ୍ରଭୁ
ବିଶ୍ୱରି ନ କଲେ ହୃଦୟରି କା ଅଗେ କହିବ ମୁଁ ବଡ଼ି ହେ । ମହା-
ପ୍ରଭୁ । ମୀନ ଜୀବନ ପ୍ରାୟେ ହେଲା । ମହୀପୃଷ୍ଠରେ ଉରଙ୍ଗିଲା ।

Digitized by PPRACHIN, SOA

ମରମଗତ ବ୍ୟଥା କହି ନୁହେ ଅବସ୍ଥା ତଥାପି ଦୟା ନ ବଳିଲା ହେ । ମହାପ୍ରଭୁ । ୨୫ । ଜୀବ ଯିବାର ଭଲ ଥାଇ ବା କି ହୋଇଲା ଯଦ୍ୟପି ପରାଧୀନ ହୋଇ । ଜଗନ୍ନାଥଙ୍କୁ ଭଜି ଚିନ୍ତାସାଗରେ ମଜ୍ଜି ଛେବେତ କେମନ୍ତ ଦଶଇ ହେ । ମହାପ୍ରଭୁ । ଯୁବାବୟସ ଅସ୍ତ ଗଲା । ଜୀବତ ଅକାରଣ ହେଲା । ଯାମଳାର୍ଜ୍ଜୁନଭଞ୍ଜା ତୃଣା ଶକଟା-ଗଞ୍ଜା-ମହିମା ମୋ ଦୁଃଖ ଶୋଷିଲା ହେ । ମହାପ୍ରଭୁ । ୨୬ । ରାଗେ କହିଲି ଯେତେ ରୋଷ ନ ଧର ଚିତ୍ତେ ହେ ପ୍ରଭୁ କରୁଣାନିଧାନ । ରାସବନରେ ନିଜ ଗୋପୀସମ୍ବନ୍ଧ ଗାଳି ଦେଲେ ସେ ହୋଇଲ ପ୍ରସନ୍ନ ହେ । ମହାପ୍ରଭୁ । ରଙ୍କବଚନ ସିନା ମୋର । ରଙ୍କାଦପରେ ନୃପବର । ରଖ ନ ରଖ ଇଛା କେବଳ ଅଛି ବାଞ୍ଛା ଶରଣ ପାଦ-ପଙ୍କଜର ହେ । ମହାପ୍ରଭୁ । ୨୭ । ଲଭି ଶ୍ରୀପାଦରଜ ସମ ନୋହିଲେ ବ୍ରଜରମଣୀମାନଙ୍କୁ ଅମର । ଲାବଣ୍ୟନିଧି ହର ନିକୁଞ୍ଜବେଣୁଧ୍ୱନି ନିମିଷେ ଶୁଣ କର୍ଣ୍ଣେ ଗୀର ହେ । ମହାପ୍ରଭୁ । ଲଜ୍ଜାସଙ୍କଟୁ ପାରକର । ଲବ୍ଧ ମାତ୍ରକ ପାଦ ସାର । ଲଭାଅ କର୍ମଲେଖା ବିପତ୍ତିକାଳେ ଶାଖା ହୋଇବ ନୋହିଣ ନିଷ୍ଠୁର ହେ । ମହାପ୍ରଭୁ । ୨୮ । ବାନ୍ଧିଛି ଚକେ ବାନା ପୂର୍ଣ୍ଣ ହେବ କାମନା ଅତ ଆରଙ୍ଗିଜନଙ୍କର । ବୁଭୁକ୍ଷିତ ହୋ-ଇଲେ ଭକ୍ଷ ଅଦନ ନ ଦେଲେ କେମନ୍ତେ ରହିବ ଶରୀର ହେ । ମହାପ୍ରଭୁ । ବ୍ରାହ୍ମଣ ସୁଦାମାର ଦୁଃଖ । ବଳେ ହରିଲ ପଦ୍ମମୁଖ । ବିଲୋକନ କରନ୍ତେ କି ଅବଶେଷ ଚିତ୍ତେ ରହଇ ସଂସାରର ଦୁଃଖ ହେ । ମହାପ୍ରଭୁ । ୨୯ । ଶ୍ରୀପାଦପଦ୍ମ ଆଶ କର ଯେବେ ନିରାଶ ହୋଇବ କି ବୋଲିବେ ଜନେ । ଶୀଘ୍ରରେ କ୍ଷମା ଥାଉଁ ଲଜ୍ଜା କାହାକୁ ଅଧିକ ହୋଇବ ଯେଣ ମନେ ମନେ ହେ । ମହାପ୍ରଭୁ । ଶ୍ରୀ ସୁତସନ-କାଦ ଯେତେ । ଶ୍ରଦ୍ଧାରେ ଭଜୁଛନ୍ତି ନିତ୍ୟେ । ଶିବ ବିରଞ୍ଚି ସୁର

Digitized by PPRACHIN, SOA

ସୁଗ୍ରୀବ ବଜ୍ରଧର ଏମାନ ସାକ୍ଷୀ ଅବା କେଛେ ହେ । ମହାପ୍ରଭୁ ।୩୦
ଶାନ୍ତି ହେବାର ଛନ୍ଦୁ ନ ରଖି କର୍ମ୍ମ। ମନୁ ପାସୋର ଦେବା କେଉଁ
ଭଲ । ସିଦ୍ଧିକର୍ତ୍ତା ବିଧାତା ରଚନା ଅବ ପିତା କା ଅଟେ କହିବ
ଏ ବୋଲି ହେ ।ମହାପ୍ରଭୁ। ସନ୍ତାପ ଦଣ୍ଡାରୁ କି ବଡ଼ । ସାମର୍ଥ ପଣ
କବା ଗଢ । ସଙ୍କଟରେ ଆଜ୍ଞା ହେଉ କହିବ ନାହିଁ ଆଉ ଶ୍ରବଣେ
ନ ଯାଉ ମହତ୍ତ୍ୱ ହେ । ମହାପ୍ରଭୁ । ୩୧ । ଶୁଭିଲା କେତେ ଯଷ୍ଟ
ବଡ଼ା ଅଘା ବିନାଶ ଅବନୀ ଭାର ଅପହର । ସୁନ୍ଦର କଳି କୁଞ୍ଜ ସମ
ନୋହିଲେ ବଜ୍ରପାଣି ରକ୍ଷକ ନୃତ୍ୟକାରୀ ହେ । ମହାପ୍ରଭୁ । ସନ୍ତ-
ରକ୍ଷଣ ତୁମ୍ଭ କର । ଶରୀରମାନଙ୍କ ବଂହର । ସବୁ ତୁମ୍ଭ କଳ୍ପନା
କଟିଁ, ବ୍ରହ୍ମ ଘଟନା ହୋଇଛି କେ କରୁ ଗୋଚର ହେ । ମହାପ୍ରଭୁ ।
୩୨ । ହଠ କର ଦୁର୍ଗତ ହେ ପ୍ରଭୁ ବଂଶୀହସ୍ତ ତ୍ରିଭଙ୍ଗୀ ମୂରତି କି-
ଶୋର । ହେଲା ନ କର ଅଉ କଥା ମହୀରେ ଥାଉ ଯେମନ୍ତେ
ଦଶିବ ସୁନ୍ଦର ହେ । ମହାପ୍ରଭୁ । ହୀନ ପାମର ମୁହିଁ ସିନା । ହଜୁଛି
ବୁଧି କାହା ବିନା । ହେଉଟେ ଯେଉଁ ବାରେ କେ ଅଛି ତୁମ୍ଭ ପରେ
କରିବେ ଆର୍ତ୍ତି ଆର୍ତ୍ତ ତୂନା ହେ । ମହାପ୍ରଭୁ । ୩୩ । କ୍ଷିତିପାଳକ
ହୋଇ ଦଣ୍ଡୁଛ କାହିଁ ପାଇଁ ଦୟା କି ନ ବଳଇ ମନ । କ୍ଷୋଭ ସାଗ-
ରେ ଉତ୍ତ୍ୟ ଯେବେ ହୋଇଲା ଗ୍ରସ୍ତ ଦାଣ୍ଡକୁ କେମନ୍ତ ଶୋଭନ
ହେ । ମହାପ୍ରଭୁ । । ଝରୁଛି ତୁମ୍ଭରୁ ଅଶେଷ । କ୍ଷମ ନୋହିଲା ଯେ-
ବେ ଦାସ । ଛାଡ଼ ଜନା କାହାକୁ ବିଗୁଣକ ମନକୁ କ୍ଷମା କରିବ
କୃଷ୍ଣ ଦୋଷ ହେ । ମହାପ୍ରଭୁ । ୩୪ ।

ସମ୍ପୂର୍ଣ୍ଣ ।

Digitized by PPRACHIN, SOA



Digitized by PPRACHIN, SOA